**ମୋରମ ବୋଝେଇ ଡମ୍ପର ଜବତ: ଡ୍ରାଇଭର ଗିରଫ**

ରୂପ୍ସା, (ଡି.ଏନ.ଏ.)-ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ରୂପ୍ସା ବସ୍‌ଷ୍ଟାଣ୍ଡ ନିକଟରେ ରୂପ୍ସା ଥାନା ପୋଲିସ ଶନିବାର ଏକ ବେଆଇନ୍ ବୋଝେଇ ମୋରମ୍ ଡମ୍ପର (ନଂ. ଓଡ଼ି୦୧ଏଫ୍-୭୭୬୫) କୁ ଜବତ କରିଛି। ଏନେଇ ଥାନାରେ ଏକ ମାମଲା (ନଂ. ୧୦୦/୨୦) ରୁଜୁ ହୋଇଛି। ଡମ୍ପର ଡ୍ରାଇଭର ନୀଳଗିରି ଥାନା ସଂଗ୍ରାମପୁର ଗ୍ରାମର ଦୟାନିଧି ସେଠୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

# ରାସ୍ତାରେ ବସିଲେ ଅଭିଭାବକ, ଛାତ୍ରୀଛାତ୍ର

**କେନ୍ଦୁଝର/ତେଲକୋଇ, ୨୧।୧୧(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲାରେ କମ ଛାତ୍ରୀଛାତ୍ର ପାଠ ପଢୁଥିବା ୧୪ଗୋଟି ବିଦ୍ୟାଳୟଗୁଡ଼ିକ ବନ୍ଦ କରାଯାଇ ନିକଟସ୍ଥ ବିଦ୍ୟାଳୟରେ ସଂଲଗ୍ନ କରାଯିବାକୁ ଶିକ୍ଷା ବିଭାଗ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ତେବେ କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ନରସିଂହପୁର ପ୍ରାଥମିକ ବିଦ୍ୟାଳୟ ଏଥିରେ ସାମିଲ ରହିଛି। ଏଣୁ ଏଠାରେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ କେନ୍ଦୁପୋଶି ଗ୍ରାମର ଛାତ୍ରୀଛାତ୍ରଙ୍କୁ ଚଳିତବର୍ଷ ନାମଲେଖା ପ୍ରକ୍ରିୟା ବନ୍ଦ କରିଦେବାରୁ ଅଭିଭାବକମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଦୁଇ ଦିନ ହେଲା ବିଦ୍ୟାଳୟ ବନ୍ଦ ହୋଇଯିବା ଗ୍ରାମବାସୀ ଖବର ପାଇ ଶନିବାର ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଚାଲୁ ରହିବାପାଇଁ ପଦ୍ମପୁର ନୂଆଗାଁ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ପିଲାମାନେ ରାସ୍ତା ଉପରେ ବସି ପ୍ରତିବାଦ କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ କମ୍ ଛାତ୍ରୀଛାତ୍ର ରହିଥିବାରୁ ନାମଲେଖା ବନ୍ଦ କରିଦେଇଥିଲେ। ଯାହାକି ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୧୯ଜଣ ଛାତ୍ରୀଛାତ୍ର ଶିକ୍ଷାଲାଭ କରୁଥିଲେ। ଚଳିତବର୍ଷ ନାମଲେଖା ବନ୍ଦ କରାଯିବା ଫଳରେ ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଅଭିଭାବକ ମାନେ ମହାଦେଇଯୋଡ଼ା କାଦଗଡ଼ ନିକଟସ୍ଥ ବିଦ୍ୟାଳୟରେ ନାମ ଲେଖାଇଛନ୍ତି। ବର୍ତ୍ତମାନ ଛାତ୍ରୀଛାତ୍ର କମିଗଲେ। ହଠାତ୍ ଦୁଇ ଦିନ ହେବ ଶୁଣିବାକୁ ମିଳିଲା ଯେ ନରସିଂହପୁର ପ୍ରାଥମିକ ବିଦ୍ୟାଳୟ ବନ୍ଦ ହେବାକୁ ଯାଉଛି। ତେଣୁ ଶିକ୍ଷକ ଜଣଙ୍କ ନରସିଂହପୁର କେନ୍ଦୁପୋଶି ଗ୍ରାମର ପିଲାମାନଙ୍କୁ ନିକଟସ୍ଥ ବିଦ୍ୟାଳୟରେ ନାମ ଲେଖାଇବାକୁ ସିଧାସଳଖ କହିଥିଲେ। ଫଳରେ ଉଭୟ ଦୁଇ ଗ୍ରାମର ଲୋକମାନେ ଶନିବାର ରାସ୍ତା ଅବରୋଧ କରିଥିଲେ। ଏଣୁ ଯାତାୟତ ବନ୍ଦ ରହିଥିଲା। ସ୍ଥାନୀୟ ସରପଞ୍ଚ ତଥା କେନ୍ଦୁଝର ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ରଘୁନାଥ ବେହେରା, ସିଆରସିସି ନେତ୍ରାନନ୍ଦ ଦେହୁରୀ, ଡମ୍ବରୁଧର ସାହୁ, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ନରସିଂହପୁର ଏବଂ କେନ୍ଦୁପୋଶି ଅଞ୍ଚଳରେ ଆଦିବାସୀ ହରିଜନ ବର୍ଗର ଅଧିକାଂଶ ଲୋକ ବସବାସ କରନ୍ତି। ଏହି ବିଦ୍ୟାଳୟଟି ଦୀର୍ଘ ୧୯୫୯ ମସିହାରୁ ଚାଲିଥିଲା। ଏବେ ବନ୍ଦ ହେବା ଖବର ପାଇ ଅଞ୍ଚଳବାସୀଙ୍କ ମନରେ ଆସନ୍ତୋଷ ପ୍ରକାଶ ପାଇଛି। କାଦଗଡ଼ ବିଦ୍ୟାଳୟ ଯିବାକୁ ହେଲେ ଦୁଇ ଲାଇନ ରେଳ ଲାଇନ ଓ ଘୋସଡ଼ା ପୋଲ ସମସ୍ୟା କାରଣ ସାଜୁଛି। ଟ୍ରେନ ଯାତାୟତ ଓ ବର୍ଷା ଦିନରେ ପୋଲ ଉପରେ ୪/୫ ଫୁଟ ବଢି ପାଣି ପ୍ରଭାବିତ ହେଉଥିବାରୁ ଗମନାଗମନ ଠପ୍ ହେବା ସହିତ ଜୀବନଯାତ୍ରା ବାଧାପ୍ରାପ୍ତ ହେଉଛି। ଛାତ୍ରଛାତ୍ରୀଙ୍କୁ ଅଭିଭାବକ ମାନେ ବିଦ୍ୟାଳୟକୁ ଛାଡ଼ିବାକୁ ଭୟ କରୁଛନ୍ତି। ଏହି ଦିଗରେ ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ଛାତ୍ରୀଛାତ୍ର ଓ ଅଭିଭାବକମାନେ ରାସ୍ତାରେ ବସି ପ୍ରତିବାଦ କରୁଛନ୍ତି।

## ସ୍କୁଲ ଏକତ୍ରୀକରଣକୁ ବିରୋଧ

**କେନ୍ଦୁଝର, ୨୧।୧୧ (ସ୍ୱ.ପ୍ର.)**

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବେଲପଶି ଓ ଟାଙ୍ଗରାଣୀ ଗ୍ରାମ ସୀମାରେ ଥିବା ବେଲପଶି-ଟାଙ୍ଗରାଣୀ ୟୁପି ସ୍କୁଲକୁ ବନ୍ଦ କରି ଟାଙ୍ଗରାଣୀ ଗ୍ରାମରେ ଥିବା ୟୁପି ସ୍କୁଲରେ, ସ୍କୁଲ ମିଶ୍ରଣକୁ ନେଇ ବେଲପଶି ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ୧୯୬୨ ମସିହାରେ ଦୁଇ ଗ୍ରାମର ସୁବିଧା ସୃଷ୍ଟିରୁ ବେଲପଶି-ଟାଙ୍ଗରାଣୀ ୟୁପି ସ୍କୁଲ ପ୍ରତିଷ୍ଠା ହୋଇଥିଲା । ଏହାର ପର୍ଯ୍ୟାପ୍ତ ରୁମ ତଥା ଖେଳପଡିଆ ଆଦି ବ୍ୟବସ୍ଥା ରହିଛି । ତେବେ ଏହାକୁ ବନ୍ଦ କରି ୧ କି.ମି. ଦୂରରେ ଜଙ୍ଗଲ ନିକଟରେ ପରେ ସ୍ଥାପିତ ଟାଙ୍ଗରାଣୀ ୟୁପି ସ୍କୁଲରେ ମିଶାଇବା ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ବୟୋଜ୍ୟେଷ୍ଠ ଗ୍ରାମବାସୀ ହରେକୃଷ୍ଣ ମହାନ୍ତ କହିଛନ୍ତି । ଏହାକୁ ନେଇ ମାର୍ଚ୍ଚ ୧୬ ତାରିଖରେ ଶିକ୍ଷା ବିଭାଗ ଚିଠି ପାଇବା ପରେ ଗ୍ରାମବାସୀ ଆଲୋଚନା କରି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ମେ' ୪ ତାରିଖରେ ଅଭିଯୋଗ କରି ପ୍ରତିବାଦ କରିଥିଲେ । ପ୍ରସ୍ତାବିତ ସ୍ଥାନ ନିକଟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଯାଇଥିବାରୁ ବହୁ ସଂଖ୍ୟାରେ ଗାଡି ଚଳାଚଳ କରୁଛି। ଏଣୁ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ସେହିପରି ଜଙ୍ଗଲ ନିକଟରେ ଥିବାରୁ ବନ୍ୟଜନ୍ତୁ ଭୟ ରହୁଛି । ସେହିପରି ପାଖରେ ବଡ ପୋଖରୀ ଥିବାରୁ ବିପଦ ରହୁଛି। ଏଣୁ ନିଷ୍ପତ୍ତି ପରିବର୍ତ୍ତନ କରି ବେଲପଶି-ଟାଙ୍ଗରାଣୀ ବିଦ୍ୟାଳୟକୁ ବନ୍ଦ ନ କରି ଚଳାଇବାକୁ ଦାବି କରିଛନ୍ତି।

## ସଂକ୍ଷେପରେ

### ଜିଲାପାଳଙ୍କୁ ଓକିଲ ସଂଘର ଦାବିପତ୍ର

**କେନ୍ଦୁଝର, ୨୧।୧୧ (ଡି.ଏନ.ଏ./ସ୍ୱ.ପ୍ର.):** କେନ୍ଦୁଝର ଉପନିବନ୍ଧକ କାର୍ଯ୍ୟାଳୟର ଅବ୍ୟବସ୍ଥାକୁ ନେଇ ଜିଲା ଓକିଲ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟାଳୟରେ ଜମି କିଣାବିକାରେ ଜମି ଦଲାଲମାନଙ୍କ ପ୍ରାର୍ଦୁଭାବ ବୃଦ୍ଧି ପାଉଥିବାରୁ ସିସିଟିଭି କ୍ୟାମେରା ଯାଞ୍ଚ କରି ପଦକ୍ଷେପ ନେବାକୁ ଦାବି କରାଯାଇଛି। ସେହିପରି ଗୋଟିଏ ଗୋଟିଏ ସିଟ୍‌ରେ ଦୀର୍ଘ ବର୍ଷ ଧରି କର୍ମଚାରୀ ରହି କାମ କରୁଥିବା ବେଳେ ଦଲାଲମାନଙ୍କ ଜରିଆରେ କିଣାବିକା ପାଇଁ ଆସୁଥିବା ଲୋକଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ କରିଛନ୍ତି। ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ କରାଯାଇଛି। ବିନା ରସିଦରେ ରେଡକ୍ରସ ନାମରେ କିଣାବିକା ପାଇଁ ଆସୁଥିବା ଲୋକଙ୍କଠାରୁ ଜବରଦସ୍ତ ଆଦାୟ କରାଯାଉଥିବା ଏବଂ କେତେକ କ୍ଷେତ୍ରରେ ବେଶୀ ଟଙ୍କା ନେଇ କମ ଟଙ୍କାର ରସିଦ ଦେଇ ଅର୍ଥ ହେରଫେର କରାଯାଉଥିବା ଅଭିଯୋଗ ହୋଇଛି। ଏହି କାର୍ଯ୍ୟାଳୟକୁ ଦଲାଲମୁକ୍ତ କରିବା ସହ ଲୋକଙ୍କୁ ନ୍ୟାୟ ଦେବାକୁ ଓକିଲ ସଂଘର ଅନ୍ତରୀଣ କମିଟିର ସମ୍ପାଦକ ଅଶୋକ ଦାସ ଦାବି କରିଛନ୍ତି।

### ଭାରତ ବନ୍ଦ ପାଇଁ ଖଇରାରେ ପ୍ରସ୍ତୁତି

**ଖଇରା, ୨୧।୧୧(ଡି.ଏନ.ଏ.):** ବିଭିନ୍ନ ଟ୍ରେଡ ୟୁନିୟନ ତରଫରୁ ୨୬ ତାରିଖ ଭାରତ ବନ୍ଦ ପାଇଁ ଡାକରା ଦିଆଯାଇଥିବା ବେଳେ ଖଇରାରେ କିଭଳି ବ୍ୟାପକ ଭାବେ ପାଳନ କରାଯିବ ସେଥିଲାଗି ଖଇରା ବାମମୋର୍ଚ୍ଚା ଅଣ୍ଟା ଭିଡିଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ଖଇରା ଶହୀଦ ଭବନ ପରିସରରେ ଆୟୋଜିତ ବୈଠକରେ ସନ୍ତୋଷ କୁମାର ବିଶ୍ୱାଳ ଅଧକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧରେ ଜଗତାନନ୍ଦ ମହାପାତ୍ର, ମାନସ ମହାପାତ୍ର, ଭଗବାନ ଦାସ, ମୂରଲୀଧର ବେହେରା, ଜନ୍ମେଜୟ ଶତପଥି ଯୋଗଦେଇ କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ କୃଷିନୀତିକୁ ସମାଲୋଚନା କରିଥିଲେ । ମିଥ୍ୟା ପ୍ରତିଶ୍ରୁତି ଦେଇ ମୋଦୀ ସରକାର ଶୋଷଣ କରୁଥିବାରୁ ସମସ୍ତ ଶ୍ରମିକ ସଙ୍ଗଠନ ଏକଜୁଟ ହେବାକୁ ଆହ୍ୱାନ ଦିଆଯାଇଥିଲା ।

### ଇଟାଭାଟି ଚୁଲାରୁ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

**ପାଟଣା, ୨୧।୧୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ଉପାନ୍ତ ଅଞ୍ଚଳ ମାଛଗଡ଼ ପଞ୍ଚାୟତର ବାଉଁଶନାଳି ଗ୍ରାମରେ ଜେନା ମୁଣ୍ଡାଙ୍କ ଏକ ପୁରଣା ଇଟାଭାଟି ଚୁଲାରୁ ଶୁକ୍ରବାର ସକାଳୁ ଜଣେ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ମୃତ ମହିଳା ହେଲେ ଉକ୍ତ ଗ୍ରାମର ବଗାନ ପୂର୍ତ୍ତିଙ୍କ ସ୍ତ୍ରୀ ଚମ୍ପା ମୁଣ୍ଡା। ଏସ୍‌ଡିପିଓ ରବୀନ୍ଦ୍ର ମଲ୍ଲିକ, ପାଟଣା ଥାନାଧିକାରୀ ସୋମନାଥ ଜେନା, ଏଏସ୍‌ଆଇ ଅରୂପ କୁମାର ସାମଲ ଓ ସାହାରପଡା ଫାଣ୍ଡି ଅଧିକାରୀ ଶିବପ୍ରଶାଦ ଆଇଚ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଏହି ଘଟଣାରେ ପାଟଣା ପୋଲିସ ଶନିବାର ଥାନାକୁ ଜଣେ ବ୍ୟକ୍ତିଙ୍କୁ ଆଣି ଅଟକ ରଖି ପଚରାଉଚରା ଜାରି ରଖିଛି। କେହି ଦୁର୍ବୃତ୍ତ ମହିଳାଙ୍କୁ ହତ୍ୟା କରିବା ପରେ ପ୍ରମାଣ ଲୁଚାଇବା ଉଦ୍ଦେଶ୍ୟରେ ଚୁଲି ଭିତରେ ଶବକୁ ପୂରାଇ ଦେଇଥିବା ସନ୍ଦେହ କରାଯାଉଛି। ଏନେଇ ପାଟଣା ଥାନାରେ ଏକ ହତ୍ୟା ମାମଲା(ନଂ.୧୮୦/୨୦) ରୁଜୁ ହୋଇ ତଦନ୍ତ ଜାରି ରହିଛି।

# ଚାଲି ଚାଲି ଆସିଲେ ଗର୍ଭବତୀ


ଆଶାକର୍ମୀ ଓ ପରିବାର ଲୋକଙ୍କ ସହ ଗର୍ଭବତୀ ଚାଲି ଚାଲି ଡାକ୍ତରଖାନା ଯାଉଛନ୍ତି।

**ତେଲକୋଇ,୨୧।୧୧(ଡି.ଏନ.ଏ.)**

**ରାସ୍ତା ନ ଥିବାରୁ ଆସିପାରିଲାନି ଆମ୍ବୁଲାନ୍ସ**

କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ଜଗମୋହନପୁର ପଞ୍ଚାୟତର ଟୁଙ୍ଗୁରୁବାହାଳ ଜୁଆଙ୍ଗ ବସ୍ତିର ଜଣେ ଗର୍ଭବତୀଙ୍କୁ ଏକ କି.ମି. ଚାଲିଚାଲି ଆସିବାକୁ ପଡିଛି। ଉକ୍ତ ବସ୍ତିକୁ ରାସ୍ତା ନ ଥିବା ଯୋଗୁଁ ଆମ୍ବୁଲାନ୍ସ ପହଞ୍ଚିପାରି ନ ଥିଲା। ଏଥିଯୋଗୁ ଆଶା ଦିଦି ଓ ପରିବାର ଲୋକେ ତାଙ୍କୁ ବହୁକଷ୍ଟରେ ଆମ୍ବୁଲାନ୍ସ ପାଖରେ ପହଞ୍ଚାଇଥିଲେ। ଏବେ ସମ୍ପୃକ୍ତ ମହିଳା ତେଲକୋଇ ସ୍ୱାସ୍ଥ କେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଟୁଙ୍ଗୁରୁବାହାଳ ଗ୍ରାମରୁ ଜୁଆଙ୍ଗ ସାହିର ଦୂରତା ୨ କି.ମି। ୨ ବର୍ଷ ପୂର୍ବରୁ ଏହି ରାସ୍ତା ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ ରାସ୍ତା ନିର୍ମାଣ ପାଇଁ ଖର୍ଚ୍ଚ ହୋଇଥିଲେ ମଧ ଅଦ୍ୟାବଧି ରାସ୍ତା ଶେଷ ହୋଇପାରି ନାହିଁ। ଏଥିପାଇଁ ଗାଁ ଲୋକଙ୍କୁ ହୀନସ୍ତା ହେବାକୁ ପଡୁଛି।

## ଶିକ୍ଷୟିତ୍ରୀଙ୍କ ବେକରୁ ସୁନାଚେନ୍ ଲୁଟ୍ ଘଟଣା: ଜଣେ ଗିରଫ

**ବାସୁଦେବପୁର, ୨୧।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର-ଜାମୁଝାଡ଼ି ରାସ୍ତାର ସତ୍‌ସଙ୍ଗ ବିହାର ମନ୍ଦିର ସାମ୍ନାରୁ ରତ୍ନମଣି ଦାସ ନାମ୍ନୀ ଜଣେ ଶିକ୍ଷୟିତ୍ରୀଙ୍କ ବେକରୁ ସୁନାଚେନ୍ ଲୁଟ୍ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଭଦ୍ରକ ଟାଉନ ଥାନା ଅଧୀନ ଚରମ୍ପା ନିକଟବର୍ତ୍ତୀ ଡଗରାସାହି ଗ୍ରାମର ଅନିରୁଦ୍ଧ ଦଳେଇ। ଏହି ଲୁଟ୍‌ରେ ବ୍ୟବହୃତ ବାଇକ୍‌କୁ ପୋଲିସ ଜବତ କରିଛି। ଗିରଫ ଅନିରୁଦ୍ଧଙ୍କ ଜଣେ ସହଯୋଗୀ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଗତ ୧୭ ତାରିଖରେ ଏହି ଘଟଣା ଘଟିଥିବା ବେଳେ ଫେରାର ବ୍ୟକ୍ତିଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି। ତେବେ ଲୁଟ୍ ହୋଇଥିବା ସୁନାଚେନ୍‌କୁ ଉଦ୍ଧାର କରାଯାଇପାରି ନାହିଁ।

## ପିଡିଏସ୍ ସାମଗ୍ରୀ ଦାବିରେ ହିତାଧିକାରୀଙ୍କ ଧାରଣା ଜାରି

**ଭଣ୍ଡାରିପୋଖରୀ, ୨୧।୧୧(ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ଗ୍ରାମର ବହୁ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଅକ୍ଟୋବର ଓ ନଭେମ୍ବର ମାସର ପିଡିଏସ୍ ସାମଗ୍ରୀ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଏହି ଦୁଇମାସର ପିଡିଏସ୍ ସାମଗ୍ରୀ ଦାବିରେ ତେସିଙ୍ଗା ପଞ୍ଚାୟତ ଗୋଦାମ ଗୃହ ସମ୍ମୁଖରେ ହିତାଧିକାରୀମାନଙ୍କ ଧାରଣା ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଅକ୍ଟୋବର ୨୮ ତାରିଖରେ ସମ୍ପୃକ୍ତ ଡିଲରଙ୍କୁ ପରିବହନ ଠିକାଦାର ରାଶନ ସାମଗ୍ରୀ ଯୋଗାଇ ଦେଇଥିବା କାଗଜପତ୍ରରେ ଦର୍ଶାଯାଇଛି। କିନ୍ତୁ ଡିଲର ତାହାକୁ ବିତରଣ କରିନାହାନ୍ତି କି ଗୋଦାମରେ ମହଜୁଦ୍ ରଖାଯାଇ ନ ଥିବା ଜଣାପଡ଼ିଛି। ଡିଲର ଉକ୍ତ ସାମଗ୍ରୀକୁ ତୁରନ୍ତ ସେମାନଙ୍କୁ ଯୋଗାଇ ଦେବାକୁ ଦାବି କରି ଗ୍ରାମବାସୀ ଜଗବନ୍ଧୁ ନାୟକ, ମନୋରଞ୍ଜନ ବେହେରା, ପ୍ରମିଳା ପଣ୍ଡା, ବୈକୁଣ୍ଠ ବାରିକ, ମହେନ୍ଦ୍ର ନାୟକ, ଭରତ ମଲ୍ଲିକ, ପ୍ରଭାତୀ ସାହୁ, ବର୍ଷାରାଣୀ ଲେଙ୍କା, ଲକ୍ଷ୍ମୀପ୍ରିୟା ମଲ୍ଲିକ, ପୀତବାସ ପଣ୍ଡା, ଶୁଭେନ୍ଦୁ ଜେନା, ବିଦ୍ୟାଧର ମଲ୍ଲିକ ପ୍ରମୁଖ ଧାରଣା ଦେଇଛନ୍ତି। ତେବେ ରିପୋର୍ଟ ଲେଖା ହେବା ସୁଦ୍ଧା ଶନିବାର ଅପରାହ୍ନ ପର୍ଯ୍ୟନ୍ତ ଧରଣାରତ ହିତାଧିକାରୀଙ୍କ ପାଖକୁ ବିଭାଗୀୟ ଅଧିକାରୀ କେହି ଆସି ନ ଥିବା କୁହାଯାଇଛି।


ତେସିଙ୍ଗା ଗ୍ରାମର ହିତାଧିକାରୀମାନେ ଧାରଣାରେ ବସିଛନ୍ତି।

## ଧାଡ଼ିରୁଆ ଧାନଚାଷ ପରିଦର୍ଶନ କଲେ କୃଷି ଅଧିକାରୀ

**ଭଦ୍ରକ ଅଫିସ, ୨୧।୧୧**

ଆଦାନୀ ଫାଉଣ୍ଡେଶନ ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟ ଯୋଜନା ୨୦୨୦-୨୧ର ଉନ୍ନତ ପ୍ୟାକେଜ୍‌ର ପ୍ରୋତ୍ସାହନ ଯୋଜନାରେ ଖରିଫ୍ ଧାଡ଼ିରୁଆ ଧାନଚାଷ କରାଯାଇଛି। ଦୋସିଙ୍ଗା ପଞ୍ଚାୟତର ଓରାମାଳ, ଟିଆଣିପାଇ, ବାଲିସାହି, ସୋମ୍ପାଟିଆ, ରବୀନ୍ଦ୍ରନଗର ଏବଂ ବିଦ୍ୟୁତପ୍ରଭା ଗ୍ରାମର ୯୯ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଦ୍ୱାରା ୬୦ ହେକ୍ଟର ଜମିରେ ଏହି ଚାଷ କରାଯାଇଛି। ଭଦ୍ରକ କୃଷି ବିଜ୍ଞାନ କେନ୍ଦ୍ରର ବୈଷୟିକ ମାର୍ଗଦର୍ଶନରେ ଆଦାନୀ ଫାଉଣ୍ଡେଶନ ସହ କୃଷକ କ୍ଷେତ୍ର ସ୍କୁଲ ମାଧ୍ୟମରେ ଧାନ ଉତ୍ପାଦକଙ୍କୁ କ୍ଷେତ୍ର ଆଧାରିତ ପ୍ରଶିକ୍ଷଣ ଦିଆଯାଇଥିଲା। ରାଜ୍ୟ ଯୋଜନା ୨୦୨୦ର କାର୍ଯ୍ୟକାରିତା ଗାଇଡ୍‌ଲାଇନକୁ ଦୃଷ୍ଟିରେ ରଖି ଏସ୍‌ଏମ୍‌ଏସ୍ ମାଧ୍ୟମରେ କୃଷକ ପରିଚୟପତ୍ର ପ୍ରଦାନ କରାଯାଇଛି ଏବଂ ବିଭାଗୀୟ ଅଧିକାରୀଙ୍କ ଯାଞ୍ଚ ଓ କ୍ଷେତରୁ ଫସଲ କାଟିବା ପରେ ଚାଷୀଙ୍କୁ ହେକ୍ଟର ପିଛା ୧୩୦୦ ଟଙ୍କା ସରକାରୀ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ।

ଏହି ପରିପ୍ରେକ୍ଷୀରେ ଆଦାନୀ ଫାଉଣ୍ଡେଶନ ପକ୍ଷରୁ ଧାନ କ୍ଷେତର ମିଳିତ କ୍ଷେତ୍ର ଯାଞ୍ଚ କରାଯାଇଛି। ଜିଲା କୃଷି ଅଧିକାରୀ ପ୍ରସାଦ ନାୟକ, ଚାନ୍ଦବାଲି ବ୍ଲକ କୃଷି ଅଧିକାରୀ ବୈରାଗୀ ଚରଣ ସେଠୀ, ସହକାରୀ କୃଷି ଅଧିକାରୀ ଜିତେନ୍ଦ୍ର ସିଂହ, ଦୋସିଙ୍ଗା ପଞ୍ଚାୟତ ଭିଏଲ୍‌ଡବ୍ଲ୍ୟୁ ରତିକାନ୍ତ ମିଶ୍ର ଧାନ କ୍ଷେତ ପରିଦର୍ଶନ କରିଛନ୍ତି। ସେହିପରି ଜାଗୁଲା ଓ ଦୋସିଙ୍ଗା ପଞ୍ଚାୟତର ଉଦ୍ୟୋଗୀ ସୁରେଶ ମାହୁନ୍ତ ଓ ଦେବେନ୍ଦ୍ର ନାୟକଙ୍କ ଦ୍ୱାରା ବିକଶିତ ଇଣ୍ଟିଗ୍ରେଟେଡ୍ ଫାର୍ମି ମଡେଲକୁ ମଧ ଏହି ଟିମ୍ ପରିଦର୍ଶନ କରିଥିଲେ। ଅଧିକାରୀମାନେ ଉଦ୍ୟୋଗୀଙ୍କ ସହ କଥା ହେବା ସହିତ କୃଷକଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ଏହି ସମନ୍ୱିତ ଚାଷ ପ୍ରଣାଳୀ ମଡେଲଗୁଡ଼ିକ ସମିଶ୍ରଣ ପଦ୍ଧତିରେ ଆତ୍ମା/ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ ଲାଗି ପରାମର୍ଶ ଦେଇଥିଲେ।

## କୁକୁଡ଼ା କଳିରୁ ଗୋଷ୍ଠୀ ସଂଘର୍ଷ, ଜଣେ ମୃତ

**ହାଟଡ଼ିହୀ,୨୧।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଁରା ଗ୍ରାମରେ କୁକୁଡ଼ା କଳିକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଆନନ୍ଦ ନାୟକ। ସେ ପ୍ରଥମେ ଗୁରୁତର ହୋଇ ଶାଳଣିଆରୁ ଭଦ୍ରକ ପରେ କଟକ ସ୍ଥାନାନ୍ତର ବେଳେ ତାଙ୍କର ଅଧା ରାସ୍ତାରେ ମତ୍ୟୁ ହୋଇଛି। ଏନେଇ ଗାଁରେ ଚାପା ଉତ୍ତେଜନା ଲାଗିରହିଛି। ଆନନ୍ଦ ନାୟକଙ୍କ ସ୍ତ୍ରୀ ମଞ୍ଜୁଲତାଙ୍କ ଅଭିଯୋଗ କ୍ରମେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। କିନ୍ତୁ ଏଯାଏ କାହାରିକୁ ଗିରଫ କରାଯାଇନାହିଁ। ସନ୍ଧ୍ୟାରେ ଉତ୍ୟକ୍ତ ଲୋକ ଅଁରା-ଓରାଳି ରାସ୍ତାରେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

## ପୋଖରୀରେ ବୁଡି ବୃଦ୍ଧାଙ୍କ ମୃତ୍ୟୁ

**ବାହାନଗା ,୨୧।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ବିଷ୍ଣୁପୁର ପଞ୍ଚାୟତସ୍ଥିତ ମାଝିସାହିର ଶୁକମଣି ମାଝି (୭୨) ନାମ୍ନୀ ବୃଦ୍ଧା ଗାଁ ପୋଖରୀ ପାଣିରେ ବୁଡି ପ୍ରାଣ ହରାଇଛନ୍ତି। ୩ଦିନ ଧରି ଶୁକମଣି ନିଖୋଜ ହେବା ପରେ ଘର ଲୋକମାନେ ଚାରିଆଡେ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା । ମାଝି ସାହିଠାରୁ ଅଧ କିଲୋମିଟର ଦୂର ବିଲ ମଝିରେ ଥିବା ଏକ ପୋଖରୀକୁ ସକାଳେ ସାହିର ଜଣେ ବ୍ୟକ୍ତି ଶୌଚ ହେବା ପାଇଁ ଯିବା ସମୟରେ ପାଣିରେ ଏକ ଶାଢ଼ି ଭାସୁଥିବା ଦେଖିଥିଲେ। ପରେ ଗ୍ରାମକୁ ଆସି ଲୋକଙ୍କୁ କହିବା ପରେ ଗ୍ରାମବାସୀ ପୋଖରୀ ପାଖକୁ ଯାଇ ପାଣି ଭିତରେ ମହିଳାଙ୍କ ମୃତଦେହ ଭାସୁଥିବା ଦେଖିଥିଲେ। ଶୁକମଣିଙ୍କ ପରିବାର ଲୋକମାନେ ପୋଖରୀ ପାଖରେ ପହଞ୍ଚି ପାଣିରୁ ଶବ ବାହାର କରି ଚିହ୍ନଟ କରିଥିଲେ ।

## ଜଳେଶ୍ୱର ରେଳଓଭରବ୍ରିଜ୍ ଲାଗି ଜମି ଅଧିଗ୍ରହଣ

**ଜଳେଶ୍ୱର, ୨୧।୧୧(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ଜଳେଶ୍ୱର ରେଳ ଓଭରବ୍ରିଜ୍ ଏଲ୍‌ଓସି ନଂ. ୪୫ ଲାଗି ଘରୋଇ ଜମି ଅଧିଗ୍ରହଣ ଶେଷ ହୋଇଛି। ଫଳରେ ନିର୍ମାଣ କାର୍ଯ୍ୟ ଆଗେଇବା ନେଇ ସମ୍ଭାବନା ଦେଖାଦେଇଛି।

ରେଳଓଭରବ୍ରିଜ୍ ନିର୍ମାଣ ଲାଗି ଅବଧି ଶେଷ ହୋଇଯାଇଥିଲେ ମଧ ଘରୋଇ ଜମି ଅଧିଗ୍ରହଣ ହୋଇପାରୁ ନ ଥିବାରୁ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ରହିଥିଲା। ଗତ ୪ ତାରିଖରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପୂର୍ତ୍ତବିଭାଗ ପକ୍ଷରୁ ୧୬ ଡିସିମିଲ ୬୦୦ ବର୍ଗ ଲିଙ୍କ୍‌ର ୬ଜଣଙ୍କ ସ୍ଥାନକୁ ୩୬ଲକ୍ଷ ୫୭ହଜାର ୧୨୭ ଟଙ୍କାରେ ଅଧିଗ୍ରହଣ କରାଯାଇଥିଲା। ଶୁକ୍ରବାର ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଆଲୋକ କୁମାର ପଟ୍ଟନାୟକ ଓ ସହକାରୀ ଯନ୍ତ୍ରୀ ନିହାରକାନ୍ତି ବେହେରାଙ୍କ ପକ୍ଷରୁ ଜଳେଶ୍ୱର ସବ୍‌ରେଜେଷ୍ଟ୍ରି ଅଫିସ୍‌ରେ ୧ଏକର ୫୭ଡିସିମିଲ ୬୦ବର୍ଗଲିଙ୍କ ଜମି କିଣାଯାଇଛି। ଜଳେଶ୍ୱର ବଡ଼ବଜାର ପଟେ ପୂର୍ତ୍ତ ବିଭାଗର ସମସ୍ତ ୧୩ଟି ପିଲର ଓ ରେଳବାଇର ଗୋଟିଏ ପିଲର କାର୍ଯ୍ୟ ଶେଷ ପର୍ଯ୍ୟାୟରେ। କିନ୍ତୁ ନୂଆବଜାର ପଟେ ଆଦୌ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ଶନିବାର ଠିକାଦରଙ୍କ ପକ୍ଷରୁ ଇଞ୍ଜିନିୟର ଓ ପୂର୍ତ୍ତ ବିଭାଗର ଇଞ୍ଜିନିୟରମାନେ ପିଲର ନିର୍ମାଣ ସ୍ଥାନକୁ ଚିହ୍ନଟ କରିଛନ୍ତି। ଖୁବଶୀଘ୍ର ନୂଆବଜାର ପଟେ ପିଲର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେମାନେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ରାସ୍ତାର ଦୁଇପଟେ ୧୩୫୦ମିଟର ସର୍ଭିସ ଲାଇନ୍ ନିର୍ମାଣ ହେବାକୁ ଥିବା ବେଳେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉ ନ ଥିବାରୁ ଯାତାୟାତରେ ସମସ୍ୟା ଉପୁଜୁଛି। ପ୍ରତି ସୋମବାରରେ ଦୀର୍ଘ ସମୟ ଟ୍ରାଫିକ୍ ଜାମ୍ ରହୁଛି । ଅତିଶୀଘ୍ର କାର୍ଯ୍ୟ ଶେଷ କରିବାକୁ ସାଧାରଣରେ ଦାବି ହେଉଛି ।


ନିର୍ମାଣାଧୀନ ରେଳ ଓଭରବ୍ରିଜ୍।

# ଅଦିନିଆ ବର୍ଷା ଉଜାଡ଼ିଲା ଫସଲ

**ବାଙ୍ଗିରିପୋଷି,୨୧।୧୧(ଡି.ଏନ.ଏ.)**

- ଜମିରେ ଭିଜିଲା ପାଚିଲା ଧାନ
- ଚିନ୍ତାରେ ଚାଷୀ

ଅଦିନିଆ ବର୍ଷାରେ ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଞ୍ଚଳରେ ଫସଲ ଉଜୁଡ଼ି ଯାଇଛି। ଶୁକ୍ରବାର ଅପରାହ୍ନରେ ଓ ଶନିବାର ସକାଳେ ବର୍ଷା ଲାଗି ରହିଥିଲା। ବର୍ଷାରେ ଜମିରେ ପାଚିଲା ଧାନ ଭିଜୁଥିବା ବେଳେ ହେକ୍ଟର ହେକ୍ଟର ଜମିରେ ରବି ଫସଲ ନଷ୍ଟ ହୋଇଯାଇଛି। ଯାହାକି ଚାଷୀମାନଙ୍କ ରୋଜଗାର ଛଡ଼ାଇ ନେଇଛି।

ବର୍ଷା ଯୋଗୁ କୋହଲା ପାଗ ସାଙ୍ଗକୁ ଶୀତ ବେଶ୍ ଅନୁଭୂତ ହୋଇଥିଲା। ଏହି ବର୍ଷା ପାଇଁ ଶୀତଦିନିଆ ପରିବା ଫସଲ ଉପରେ ସମ୍ପୂର୍ଣ୍ଣ ପ୍ରଭାବ ପଡ଼ିଛି। ବ୍ଲକ ଅଞ୍ଚଳରେ ହୋଇଥିବା ଶତାଧିକ ଏକର ଫୁଲ କୋବି, ବନ୍ଧା କୋବି, ଟମୋଟୋ, ମୂଳା, ବାଇଗଣ ଫସଲ ପ୍ରଭାବିତ ହୋଇଛି। ବର୍ଷା ଯୋଗୁ ଫୁଲକୋବିରେ ପୋକ ସୃଷ୍ଟି ହୋଇ ନଷ୍ଟ ହେବାର ଆଶଙ୍କା ରହିଥିବା ବେଳେ ଅନ୍ୟ ପନିପରିବା ଫସଲ ମଧ ନଷ୍ଟ ହେବ ବୋଲି ସ୍ଥାନୀୟ ଚାଷୀମାନେ ପ୍ରକାଶ କରିଛନ୍ତି। ସେହିପରି ବର୍ତ୍ତମାନ ଧାନ ଅମଳ ସମୟ। ଅନେକ ସ୍ଥାନରେ ଜମିରେ ପାଚିଲା ଧାନ ଅମଳ ନ ହୋଇ ରହିଥିବା ଓ କେତେକ ସ୍ଥାନରେ ଧାନ କଟା ହୋଇ କିମ୍ବା ଗୋଦା ହୋଇ ରଖାଯାଇଛି। ଚାଷୀମାନେ ଋଣ କରିବା ସହ ବିଭିନ୍ନ ସୂତ୍ରରୁ ଟଙ୍କା ଆଣି ଚାଷ କରିଥିବା ବେଳେ ଅଦିନିଆ ବର୍ଷାରେ ଫସଲ ନଷ୍ଟ ହୋଇଯାଇଥିବାରୁ ସେମାନେ ଚିନ୍ତାରେ ପଡ଼ିଛନ୍ତି। ଏହି ବର୍ଷା ସେମାନଙ୍କ ରୋଜଗାର ଛଡ଼ାଇ ନେଇଥିବା ଚାଷୀମାନେ କହିଛନ୍ତି। ସରକାରଙ୍କ ପକ୍ଷରୁ କ୍ଷୟକ୍ଷତିର ଆକଳନ କରି ସହାୟତା ପ୍ରଦାନ କରାଯିବାକୁ ଦାବି ହେଉଛି।


ବର୍ଷା ପାଣିରେ ଭିଜି ଯାଇଥିବା ଧାନ ଫସଲ।

## ରେମୁଣାରେ ନୂଆ ବିଇଓ

ରେମୁଣା,(ଡି.ଏନ.ଏ.)-ରେମୁଣାରେ ନୂତନ ଗୋଷ୍ଠୀ ଶିକ୍ଷାଧିକାରୀ(ବିଇଓ) ଭାବେ କାଳିନ୍ଦୀଚରଣ ସୋରେନ ଯୋଗ ଦେଇଛନ୍ତି। ବିଭିନ୍ନ ଗୋଷ୍ଠୀର ଶିକ୍ଷକ ନେତାମାନେ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପ୍ରସନ୍ନ କୁମାର ହୋତ, ସମ୍ପାଦକ ପ୍ରଦୀପ କୁମାର ବେହେରା, ଜେଟ୍‌ପି ଶିକ୍ଷକ ସଂଘର ସଭାପତି ରମେଶ ଚନ୍ଦ୍ର ଖଣ୍ଡା, ସମ୍ପାଦକ ସଞ୍ଜୟ କୁମାର ସ୍ୱାଇଁ, ସମନ୍ୱୟ କମିଟି ସଭାପତି ଅମୂଲ୍ୟ କୁମାର ଯେନା, ସମ୍ପାଦକ ସୁଶାନ୍ତ କୁମାର ଦାସ ଏବଂ ପରେ ୧୭ଜଣ ସିଆର୍‌ସିସି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।



## ସଂକ୍ଷେପରେ

### ୧୦ ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ନକଲି ଜର୍ଦ୍ଦା ଜବତ



ଭଦ୍ରକ ଅଫିସ, ୨୧।୧୧: ଭଦ୍ରକ ଜିଲା ପୁରୁଣାବଜାର ଥାନା ଅଞ୍ଚଳରୁ ପୁଣି ଶନିବାର ବିପୁଳ ପରିମାଣର ନକଲି ଜର୍ଦ୍ଦା ଜବତ କରାଯାଇଛି। ଏଥିରେ ବ୍ୟବହୃତ ବିଭିନ୍ନ ଯନ୍ତ୍ରାଂଶ ଜବତ ସହ ସମ୍ପୃକ୍ତ ଜଣଙ୍କୁ ଗିରଫ କରିଛି ପୋଲିସ। ଜବତ ହୋଇଥିବା ନକଲି ଜର୍ଦ୍ଦାର ଆନୁମାନିକ ମୂଲ୍ୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଏହି ଥାନା ଶଙ୍କରପୁର ଅଞ୍ଚଳରେ ନକଲି ଜର୍ଦ୍ଦା କାରଖାନା ଚାଲିଥିବା ପୋଲିସ ଜାଣିବାକୁ ପାଇଥିଲା। ଶନିବାର ପୁରୁଣାବଜାର ପୋଲିସ ପକ୍ଷରୁ ଏକ ଟିମ୍ ସମ୍ପୃକ୍ତ ଅଞ୍ଚଳରେ ଚଢ଼ାଉ କରିଥିଲା। ନକଲି ଜର୍ଦ୍ଦା, ବିଭିନ୍ନ ନାମୀଦାମୀ କମ୍ପାନୀର ଲୋଗୋ ସହ ଯନ୍ତ୍ରାଂଶ ଜବତ ହୋଇଛି। ପୋଲିସ ଗିରଫ ବ୍ୟକ୍ତିଙ୍କୁ ପଚରାଉଚରା କରୁଛି।

### ମହିଳାଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

କେନ୍ଦୁଝର,୨୧।୧୧ (ସ୍ୱ.ପ୍ର./ଡି.ଏନ.ଏ.): କେନ୍ଦୁଝର ବାଇପାସ୍ ରାସ୍ତାରୁ ବସ୍ତାରେ ପଶିଥିବା ଜଣେ ମହିଳାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଟାଉନଥାନା ପୋଲିସ ଗିରଫ କରିଛି। ସେ ହେଲେ ସ୍ୱର୍ଣ୍ଣରଞ୍ଜନ ପାତ୍ର। ତାଙ୍କ ଘର ହାଟଡିହି ବ୍ଲକ ଅନ୍ତର୍ଗତ ନନ୍ଦିପଦା ଥାନାର ବଡରମ୍ପାସ ଗ୍ରାମରେ। ଶୁକ୍ରବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। କେନ୍ଦୁଝର ଟାଉନ ଥାନା ଇନ୍ସପେକ୍ଟର ପ୍ରମୋଦିନୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ସବଇନ୍ସପେକ୍ଟର ଅମିତ କୁମାର ଭୂୟାଁଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ରାଜ୍ୟ ଓ ରାଜ୍ୟ ବାହାରେ ଅପରାଧିର ସନ୍ଧାନ ନିଆଯାଇଥିଲା। ପୂର୍ବରୁ ପୋଲିସ ଅନ୍ୟତମ ଅଭିଯୁକ୍ତ ସ୍ୱର୍ଣ୍ଣରଞ୍ଜନଙ୍କ ପ୍ରେମିକାଙ୍କୁ ଗିରଫ କରିଥିଲା।

### ସରିଲା ‘ଚାଇଲ୍ଡଲାଇନ ସେ ଦୋସ୍ତି’

ଖଇରା,୨୧।୧୧(ଡି.ଏନ.ଏ.): ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ ଚାଇଲ୍ଡଲାଇନ ପକ୍ଷରୁ ଶିଶୁ ସୁରକ୍ଷା ନେଇ ୧୪ତାରିଖରୁ ଆରମ୍ଭ ହୋଇଥିବା ‘ଚାଇଲ୍ଡ ଲାଇନ ସେ ଦୋସ୍ତୀ’ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ନିର୍ଦ୍ଦେଶକ ମଦନମୋହନ ବେହେରାଙ୍କ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବାଲ୍ୟବିବାହ ରୋକିବା, ଅଧାରୁ ପାଠ ଛାଡୁଥିବା ପିଲାମାନଙ୍କୁ ମୁଖ୍ୟସ୍ରୋତକୁ ଆଣିବା, ଶିଶୁ ଶ୍ରମିକ ବନ୍ଦ କରିବା ଆଦି ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ବେହେରା ପ୍ରକାଶ କରିଥିଲେ। ୧୪ରୁ ୨୦ତାରିଖ ମଧ୍ୟରେ ଏହି ସଂଗଠନର କର୍ମଚାରୀମାନେ ଟିଞ୍ଚିଡାସ୍ଥିତ ପବିତ୍ରାଦେବୀ ଶିଶୁ ଭବନ, ରାଧିକାଦେଇପୁର, ପାଇକପଡା ଗ୍ରାମ ଡଗରପଡା ବିବେକ ଭାରତୀ ସେବାଶ୍ରମ ଆଦି ସ୍ଥାନରେ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ନେଇ ଉଲ୍ଲେଖ କରିଥିଲେ। ଚାଇଲ୍ଡଲାଇନ କର୍ମଚାରୀ ତପସ୍ୱିନୀ ରାଉତ, ପଞ୍ଚାନନ ତ୍ରିପାଠୀ, ଜ୍ୟୋତି ପ୍ରକାଶ କର, ଚିତ୍ତରଞ୍ଜନ ପଣ୍ଡା, ସାୟଂପ୍ରଭା ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରକ୍ ମାଲିକଙ୍କ ବିବାଦ ତୁଟିଲା

ଯୋଡା, ୨୧।୧୧(ଡି.ଏନ.ଏ.)

## ପରିବହନ ମୂଲ୍ୟ ବୃଦ୍ଧି ପ୍ରସଙ୍ଗ



ଟ୍ରକ ମାଲିକଙ୍କ ମଧ୍ୟରେ ଆଲୋଚନା ଚାଲିଛି।

କେନ୍ଦୁଝର ଜିଲା ଯୋଡା ଖଣିମଣ୍ଡଳ ଅଧୀନ ଇନ୍ଦ୍ରାଣି ପଟ୍ଟନାୟକ ଖଣିରୁ ଶ୍ରୀ ଆନ୍‌ଡଲ ଲୋଜିଷ୍ଟିକ ନାମକ ଏକ ପରିବହନକାରୀ ସଂସ୍ଥା ଧାର୍ଯ୍ୟ ମୂଲ୍ୟ ଠାରୁ ପରିବହନ ମୂଲ୍ୟ କମ୍ ଦେଉଥିବା ଅଭିଯୋଗ ନେଇ ଗତ ବୁଧବାର ଇନ୍ଦ୍ରାଣି ପଟ୍ଟନାୟକ ଖଣିକୁ ଯାଇ ଶତାଧିକ ଟ୍ରକ ମାଲିକ ମାନେ ଏହାର ଅଭିଯୋଗ କରିଥିଲେ। ସେଠାରେ ଟ୍ରକ ମାଲିକ ଓ ଆନ୍‌ଡଲ ଲୋଜିଷ୍ଟିକ କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ସମୟରେ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। କିନ୍ତୁ ଶନିବାର ଏହି ଆଲୋଚନାର ସମାଧାନ ହୋଇଛି।

କେତେକ ଟ୍ରକ ମାଲିକଙ୍କ ହସ୍ତକ୍ଷେପରେ ଏହାର ଆଲୋଚନା ଶାପୂର୍ଣ୍ଣଭାବେ ଶୁକ୍ରବାର ଯୋଡାସ୍ଥିତ ଯୋଡା ଟ୍ରକ ଓନର ଆସୋସିଏସନ୍ (ଜେଟିଓଏ) କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଆନ୍‌ଡଲ ଲୋଜିଷ୍ଟିକର ନିର୍ଦ୍ଦେଶକ ଦିଲ୍ଲୀପ ବିଶ୍ୱାଳ ଓ ଶ୍ରୀ କୁମାର କାର୍ଯ୍ୟାଳୟରେ ପହଞ୍ଚି ସଂଘର ବରିଷ୍ଠ କର୍ମକର୍ତ୍ତା ବିନୋଦ ପଟ୍ଟନାୟକ, ରବି ନାରାୟଣ ଦାସ, ସୁଶାନ୍ତ ବାରିକ, ଶୈଳେନ୍ଦ୍ର ଜରା, ସୋଏବ ଖାନ୍, ମାତା ଜୟସ୍ୱାଲଙ୍କ ସମେତ ଅନ୍ୟ ଗାଡି ମାଲିକଙ୍କ ସହ ଆଲୋଚନା କରିଥିଲେ। ତେବେ ମୂଲ୍ୟ ବୃଦ୍ଧି ପ୍ରସଙ୍ଗରେ ପାରାଦୀପ ବନ୍ଦରକୁ ପରିବହନ ମୂଲ୍ୟର କୌଣସି ନିଷ୍କର୍ଷ ହୋଇପାରି ନ ଥିଲା। ଟ୍ରକ ମାଲିକଙ୍କ ମଧ୍ୟରେ ଅଡୁଆ ବଢ଼ିଥିଲା। କମ୍ପାନୀର ନିର୍ଦ୍ଦେଶକ ବିଶ୍ୱାଳ ୧୮୦୦ ଟଙ୍କା ପର୍ଯ୍ୟନ୍ତ ଟନ୍ ପିଛା ମୂଲ୍ୟ ନିର୍ଦ୍ଧାରଣ କରିଥିବାବେଳେ ଟ୍ରକ ମାଲିକ ସଂଘ ପକ୍ଷରୁ ବରିଷ୍ଠ କର୍ମକର୍ତ୍ତମାନେ ଏଥିରେ ସହମତି ପ୍ରକାଶ କରି ନ ଥିଲେ।

ଟ୍ରକ ମାଲିକଙ୍କ ଯୁକ୍ତି ଥିଲା ଯେ, କେନ୍ଦୁଝର ଠାରୁ ଟନ୍ ପିଛା ପ୍ରାୟ ୨୧ଶହ ଟଙ୍କା ପରିବହନ ମୂଲ୍ୟ ପାରାଦୀପକୁ ଥିବା ବେଳେ ତାଠାରୁ ଦୂରରେ ଅବସ୍ଥିତ ଯୋଡା ଖଣି କ୍ଷେତ୍ରରୁ ପରିବହନ ମୂଲ୍ୟ କମ୍ କିପରି ହେବ। ଏତଦ୍ ବ୍ୟତୀତ ଟ୍ରକ୍ ଗୁଡ଼ିକ ପାରଦୀପ ପର୍ଯ୍ୟନ୍ତ ଯିବା ପାଇଁ ଟୋଲ୍ ଗେଟ୍‌ରେ ପ୍ରାୟ ୪ହଜାର ୫ଶହ ଟଙ୍କା ଖର୍ଚ୍ଚ କରୁଛନ୍ତି। ତେଲ, ମୋବିଲ୍, ଯନ୍ତ୍ରାଂଶ, ଟାୟାର ସମେତ ଡ୍ରାଇଭର ଏବଂ ହେଲପରଙ୍କ ଖର୍ଚ୍ଚ ପରେ ଋଣଗ୍ରସ୍ତ ଟ୍ରକ ମାଲିକମାନେ ଋଣ ପରିଶୋଧ କରିବାରେ ଅସମର୍ଥ ହେଉଥିବା ଟ୍ରକ ମାଲିକ ଚିତ୍ତରଞ୍ଜନ ମହାନ୍ତି, ବିଜୁ ଆପଟ୍ଟ, ବିଶ୍ୱ ରଞ୍ଜନ ସେଠୀ, ରମେଶ ରାଉତ, ବାପୁନ ବେହେରା, ତାପସ ବେଉରିଆ ପ୍ରମୁଖ କହନ୍ତି। ଏନେଇ ଶନିବାର ପୂର୍ବାହ୍ନରେ (ଜେଟିଓଏ) ସଭା ଗୃହରେ ଆନଡଲ ଲୋଜିଷ୍ଟିକ ଓ ଟ୍ରକ ମାଲିକଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପାରାଦୀପ ପାଇଁ ଟନ୍ ପିଛା ୧୮୭୫ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଗୋପାଳପୁର ବନ୍ଦର ପାଇଁ ୧୯୭୫ ଟଙ୍କା ଧାର୍ଯ୍ୟ ହୋଇଥିବା ସୂଚନା ମିଳିଛି।

# ମା’ଙ୍କୁ ମେଲାଣି



ମା’କାଳୀଙ୍କୁ ବିସର୍ଜନ ପାଇଁ ନିଆଯାଉଛି।

କେନ୍ଦୁଝର, ୨୧।୧୧(ଡି.ଏନ.ଏ.)

କେନ୍ଦୁଝର କାଳୀତୀର୍ଥର ମା’କାଳୀ ଠାକୁରାଣୀଙ୍କୁ ଶନିବାର ଅପରାହ୍ନରେ ମେଲାଣି ଦିଆଯାଇଛି। କୋଭିଡ୍ କଟକଣା ପାଇଁ ଚଳିତବର୍ଷ ସାତ ଦିନ ଧରି ମା’ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହା ବ୍ୟତୀତ ମା’ଙ୍କ ମୂର୍ତ୍ତି ଉଚ୍ଚତା ୪ଫୁଟ କରାଯାଇଥିଲା। ଏଥିପାଇଁ ପ୍ରଶାସନ କମିଟିକୁ ଚିଠି ଦାରା ଅବଗତ କରିଥିଲେ. ଚଳିତ ବର୍ଷ କୋଭିଡ ନିୟମ ମାନି ଶୃଙ୍ଖଳାର ସହ ପୂଜା ସମ୍ପନ୍ନ କରାଯାଇଥିବା କମିଟି ପକ୍ଷରୁ କୁହାଯାଇଛି।

# ପୋଡ଼ିଦେଲେ ଆବେଦନ ଫର୍ମ

ପଦ୍ମପୁର,୨୧।୧୧(ଡି.ଏନ.ଏ.)



ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ବାହାରେ ପଡ଼ିଥିବା କାଗଜପତ୍ର।

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ବିଭିନ୍ନ ଯୋଜନା ପାଇଁ ଉଦ୍ଦିଷ୍ଟ ଆବେଦନ ଫର୍ମକୁ କେତେଜଣ କର୍ମଚାରୀ ପୋଡୁଥିବା ଦୃଶ୍ୟ ସାମ୍ନାକୁ ଆସିଛି। ପୂର୍ବାହ୍ନରେ ସରକାରୀ କାର୍ଯ୍ୟାଳୟ ଛୁଟି ରହିଥିବାରୁ ଏହାର ସୁଯୋଗ ନେଇ ବ୍ଲକର ବିଭିନ୍ନ ଆବେଦନ ଫର୍ମ ଯଥା କାଳିଆ ଯୋଜନା, ଖାଦ୍ୟ ସୁରକ୍ଷା, ମୋ କୁଡ଼ିଆ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଜିଓଟ୍ୟାଗ୍ ଫର୍ମକୁ ପୋଡ଼ାଯାଉଥିବାର ଦୃଶ୍ୟ ଗଣମାଧ୍ୟମ ପ୍ରତିନିଧିଙ୍କ ନଜରରେ ପଡ଼ିଥିଲା। କାର୍ଯ୍ୟାଳୟରେ ଥିବା ବିଭିନ୍ନ ବିଭାଗର ହଜାର ହଜାର ଫର୍ମ ବସ୍ତାରେ ଭର୍ତ୍ତି କରି ଅଫିସ୍ ପରିସରରେ ବିଭିନ୍ନ ସ୍ଥାନରେ ନିଆଁ ଲଗାଯାଇଥିଲା। ସ୍ଥାନୀୟ ଜନସାଧାରଣ ଏହାର ପ୍ରତିବାଦ କରିବା ସହ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ ସାମିଲ ହେବା ପାଇଁ ସାଧାରଣ ଲୋକେ ଟଙ୍କା ଖର୍ଚ୍ଚ କରି ଆବଶ୍ୟକ କାଗଜପତ୍ର ଜମା ଦେଉଥିବା ବେଳେ ସେଗୁଡ଼ିକୁ ଡଷ୍ଟବିନ୍‌କୁ ଫିଙ୍ଗି ଦିଆଯାଉଥିବା ବା ପୋଡ଼ି ଦିଆଯାଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଡିଓ ପ୍ରଣବ କୁମାର ବେହେରାଙ୍କୁ ପଚାରିବାରୁ ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ହେଉଥିବାରୁ ଅନାବଶ୍ୟକ କାଗଜପତ୍ର ପୋଡ଼ି ଦିଆଯାଉଥିବା କହିଛନ୍ତି।

# କ୍ରିକେଟ ଟୁର୍ନାମେଣ୍ଟ: ସବଙ୍ଗ ଟିମ୍ ବିଜୟୀ



ଅତିଥିମାନଙ୍କ ସହିତ ଉଭୟ ଚାମ୍ପିୟନ ଓ ରନର୍ସଅପ୍ ଟିମ୍।

ସିମୁଳିଆ, ୨୧।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବାଉରିପଦା ପଞ୍ଚାୟତର ରାଣୀରାଉତାଣୀ ସ୍ପୋର୍ଟ୍ସ ଆଣ୍ଡ କଲଚୁରାଲ ଆସୋସିଏଶନର ୧୫ତମ ବାର୍ଷିକ କ୍ରିକେଟ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଥିଲା। ଗତ ୧୫ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ବିଭିନ୍ନ ଅଞ୍ଚଳର ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ସେମିଫାଇନାଲ ମ୍ୟାଚ୍ ସାଜନପୁର ସହିତ ୧୧ୱାରିୟର ଅଡା ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍ ୧୧ୱାରିୟର ସହିତ ଏମ୍‌ଟିସିଟି କ୍ଲବ ସବଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସବଙ୍ଗ ଟିମ୍ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ଉଇକେଟ ହରାଇ ୧୭୨ରନ ସଂଗ୍ରହ କରିଥିଲା। ଜବାବରେ ଅଡ଼ା ଟିମ୍ ୧୯ଓଭରରେ ସମସ୍ତ ଉଇକେଟ ହରାଇ ୧୪୭ରନ ସଂଗ୍ରହ କରିଥିଲା। ଫଳରେ ସବଙ୍ଗ ଟିମ୍ ୨୫ରନରେ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ରୂପେ ବାଉରିପଦା ପଞ୍ଚାୟତର ପ୍ରଥମ ସରପଞ୍ଚ ତଥା ବୟୋଜ୍ୟେଷ୍ଠ ବ୍ୟକ୍ତି କୃଷ୍ଣଚନ୍ଦ୍ର ମହାନ୍ତି, ଲକ୍ଷ୍ମଣ ସରେନ, ପ୍ରୟାସ ଟ୍ରଷ୍ଟର କାର୍ଯ୍ୟକର୍ତ୍ତା ରାଜେନ୍ଦ୍ର ମହାପାତ୍ର, ଗଜେନ୍ଦ୍ର ସେଠୀ, ସନ୍ତୋଷ କୁମାର ନାୟକ ପ୍ରମୁଖ ଯୋଗଦେଇ ଉଭୟ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ। ଚଳିତବର୍ଷର ଶ୍ରେଷ୍ଠ ଖେଳାଳି ରୂପେ ଅମିତ ନାୟକ, ‘ମ୍ୟାନ ଅଫ ଦ ମ୍ୟାଚ୍’ ରୂପେ ସୁମନ ନାୟକ, ‘ମ୍ୟାନ ଅପ୍ ଦ ସିରିଜ୍’ ରୂପେ ପଦ୍ମଲୋଚନ ଦାସ ଓ ସୁମିତ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ସଭାପତି ଅନୀଲ ନାୟକ, ଶରତ ବେହେରା, ସମ୍ପାଦକ ସାରଦା ପ୍ରସନ୍ନ ରାଉତ, ଅନିରୁଦ୍ଧ ସାହୁ, ସନାତନ ସରେନ, ଦେବାଶିଷ ପାଣି ଓ ରଣଜିତ୍ କିସ୍କୁ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।

# ୨ ଚୋରା ପଥର ବୋଝେଇ ଗାଡ଼ି ଜବତ

ସୋର, ୨୧।୧୧(ଡି.ଏନ.ଏ.)

ସୋର ନିକଟ ଜାତୀୟ ରାଜପଥରେ ଚୋରା ଚାଲାଣ କରୁଥିବା ୨ଟି ପଥର ବୋଝେଇ ଟ୍ରକକୁ ଶନିବାର ପୋଲିସ ଜବତ କରିଛି। ପୂର୍ବାହ୍ନରେ ଦୁଇଟି ଟ୍ରକ (ନଂ.ଓଡି୨୨ଏଲ୍ ୭୬୦୩ ଓ ଓଡି୦୧ଡବ୍ଲ୍ୟୁ ୯୧୪୭) ବାଗୁଡ଼ି ଖାଦାନରୁ ବେଆଇନ ଭାବେ ପଥର ବୋଝେଇ କରି ବାଲେଶ୍ୱର ଯାଉଥିଲା।

# ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

ରସାଲପୁର, ୨୧।୧୧(ଡି.ଏନ.ଏ.)



ଗ୍ରାମବାସୀ ଥାନା ଘେରାଉ କରିଛନ୍ତି।

- ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ
- ସ୍ୱାମୀ ଗିରଫ, ଥାନା ଘେରାଉ

ବାଲେଶ୍ୱର ଜିଲା ସଦର ଥାନା ଗେଙ୍ଗୁଟି ପଞ୍ଚାୟତ ପଳାଶପୁର ଗ୍ରାମରେ ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ଆତ୍ମହତ୍ୟା କରିଥିବା ଶ୍ୱଶୁରଘର ଲୋକ କହୁଥିବା ବେଳେ ଯୌତୁକ ପାଇଁ ହତ୍ୟା କରାଯାଇଥିବା ବାପଘର ଲୋକେ ଅଭିଯୋଗ ଆଣିଛନ୍ତି। ସଦର ପୋଲିସ ଥାନାରେ ଏକ ମାମଲା (ନଂ. ୩୪୭/୨୦) ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଏହା ହତ୍ୟା କି ଆତ୍ମହତ୍ୟା ତାହା ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏହି ଘଟଣାରେ ପୋଲିସ ନବବଧୂଙ୍କ ସ୍ୱାମୀ ଜୀବନକୃଷ୍ଣ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପ୍ରକୃତ ଦୋଷୀଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ଦାବିରେ ପଳାଶପୁର ଗ୍ରାମବାସୀ କ୍ୟାଣ୍ଡେଲ ଶୋଭାଯାତ୍ରା କରିବା ସହ ଥାନା ଘେରାଉ କରିଥିଲେ।

ସଦର ଥାନା ପଳାଶପୁର ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ଉମେଶ ଚନ୍ଦ୍ର ସାହୁଙ୍କ ପୁଅ ଜୀବନକୃଷ୍ଣ ଜଳେଶ୍ୱର ଥାନା କଣ୍ଟାପାଳ ଗ୍ରାମର ସର୍ବେଶ୍ୱର ପ୍ରଧାନଙ୍କ ଝିଅ ସବିତାଙ୍କୁ ବୈଦିକ ରୀତିରେ ଗତ ଜୁଲାଇରେ ବିବାହ କରିଥିଲେ। ବିବାହ ସମୟରେ ଯୌତୁକ ବାବଦକୁ ୧ଲକ୍ଷ ୮୦ହଜାର ଟଙ୍କା ସହିତ ୧୦ଗ୍ରାମ୍ ଓଜନର ସୁନାଚେନ୍, ମୁଦି ସମେତ ଆସବାବପତ୍ର ନେଇଥିଲେ। ଶ୍ୱଶୁର ଉମେଶଙ୍କ କହିବା ଅନୁସାରେ ତାଙ୍କ ବୋହୂ ସବିତା ଖାଇପିଇ ରାତିରେ ଶୋଇଥିଲେ। ବିଳମ୍ବିତ ରାତିରେ ସେ ବାଡ଼ିପଟେ ଥିବା ଆମ୍ବ ଗଛରେ ଲୁଗା ଲଗାଇ ଆତ୍ମହତ୍ୟା କରିଛନ୍ତି। ଗୁରୁବାର ଭୋର୍ ସମୟରେ ଶ୍ୱଶୁର ବାହାରକୁ ଆସିଥିବା ବେଳେ ଆମ୍ବଗଛରେ ତାଙ୍କ ବୋହୂ ଝୁଲୁଥିବା ଦେଖି ପରିବାର ଲୋକଙ୍କ ଡାକି ଉଦ୍ଧାର କରିଥିଲେ। ସ୍ଥାନୀୟ ସରପଞ୍ଚ ତାଙ୍କ ବାପଘର ଓ ପୋଲିସକୁ ଖବର ଦେ’ଇଥିଲେ। ସବିତାଙ୍କ ବେକର ଡାହାଣପଟେ ଗଳାରେ ଏକ ଲାଲଚିହ୍ନ ଥିବା ଦେଖିବାକୁ ମିଳିଥିଲା। ବାପଘର ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି ଯେ, ୧ଲକ୍ଷ ଟଙ୍କା ଆଣିବା ପାଇଁ ଝିଅ ଉପରେ ଚାପ ପକାଯାଉଥିଲା। ଏତେ ଟଙ୍କା ଦେବାରେ ଅକ୍ଷମତା ପ୍ରକାଶ କରିବାରୁ ତାଙ୍କ ଝିଅକୁ ଶାଶୁ, ଶ୍ୱଶୁର ଓ ସ୍ୱାମୀ ମିଶି ମାରିଦେଇଛନ୍ତି।

# ଟ୍ରକ୍‌କୁ ପିଟିଲା କଣ୍ଟେନର, ହେଲ୍‌ପର ମୃତ

ରୂପ୍‌ସା, ୨୧।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥରେ ସଦର ବ୍ଲକ ହଳଦୀପଦା ବାଇପାସ୍‌ଠାରେ ଶନିବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ପଛପଟୁ କଣ୍ଟେନର ଧକ୍କା ଦେବା ଫଳରେ କଣ୍ଟେନର ହେଲପର ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲା କଲାଘାଟ ଥାନା କନୁରଚାନ୍ଦି ଅଞ୍ଚଳର ବିଶ୍ୱଜିତ୍ ମାଇତି (୨୮)ଙ୍କର ମୃତ୍ୟୁ ଘଟିଛି। ବସ୍ତା ଥାନା ପୋଲିସ ଏକ ମାମଲା (ନଂ. ୨୬୭/୨୦) ରୁଜୁ କରି ତଦନ୍ତ ଜାରି ରଖିଛି।

କୋଲକତା ଏୟାରପୋର୍ଟରୁ କଣ୍ଟେନର(ନଂ. ଡବ୍ଲ୍ୟୁବି୨୫ଜି-୩୮୭୭)ଟି ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ହଳୀଦପଦା ବାଇପାସ୍‌ଠାରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛପଟୁ ଡ୍ରାଇଭର ଭାରସାମ୍ୟ ହରାଇ କଣ୍ଟେନରକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହେଲପର ଜଣକର ମୃତ୍ୟୁ ଘଟିଥିଲା। ଖବରପାଇ ଆଇଆଇସି ଅଶୋକ କୁମାର ନାୟକ, ଏସ୍‌ଆଇ ପ୍ରଶାନ୍ତ କୁମାର ପାଣି, ଏଏସ୍‌ଆଇ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ପହଞ୍ଚି ହେଲପରଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପଞ୍ଚନାମା କରାଯାଇ ମୃତଦେହ ବ୍ୟବଚ୍ଛେଦ ହୋଇଛି।

# ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ଭୋଗରାଇ,୨୧।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଚୌକିବଜାରସ୍ଥିତ ଏକ ଔଷଧ ଦୋକାନରୁ ଶୁକ୍ରବାର ମଧ୍ୟରାତ୍ରିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ଶନିବାର ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତା ଚୌକି ବଜାରରେ ଥିବା ଔଷଧ ଦୋକାନରୁ ଦୁର୍ବୃତ୍ତମାନେ ପକ୍କା ଦୋକାନ ଘର ପଛପଟେ ଥିବା ଜାଫିରି ଭାଙ୍ଗି ଭିତରକୁ ପଶି ବିଭିନ୍ନ ସାମଗ୍ରୀ ନେଇ ଚମ୍ପଟ ମାରିଛନ୍ତି। ଦୋକାନ ମାଲିକ ରାକେଶ ବେହେରା ଏନେଇ ଥାନାରେ ଅଭିଯୋଗ କରିଛନ୍ତି।

# ମହତାବଙ୍କ ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଉନ୍ମୋଚିତ

ବନ୍ତ,୨୧।୧୧(ସ୍ୱ.ପ୍ର.)



ଆଗରପଡ଼ା ବଜାର ମୁଖ୍ୟ ଛକଠାରେ ଉନ୍ମୋଚିତ ଡ.ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତି।

ନବ ଉତ୍କଳର ନିର୍ମାତା ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୧ତମ ଜୟନ୍ତୀ ପାଳନ ଅବସରରେ ଜନ୍ମମାଟି ଆଗରପଡ଼ା ବଜାର ମୁଖ୍ୟଛକ ଓ କୁଆଁଶମଢ଼ିଆ ଛକରେ ୨ଟି ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଶନିବାର ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ କୁମାର ଦାଶଙ୍କ ସଞ୍ଚାଳନାରେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଉତ୍ସବରେ ଯୋଗଦେଇ ୨ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ। ଏଥିସହ ଡାଏଟ ଛକରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂତନ ବସ୍‌ଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କୁଆଁଶମଢ଼ିଆ ଛକରେ ମହତାବ ସ୍ମାରକୀ ପରିଷଦ ସଭାପତି ପ୍ରଫେସର ଡ. ସନାତନ ମହାନ୍ତି ଓ ଏମ୍‌ପି ଉନ୍ମୋଚନ କରିଥିଲେ। ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ସ୍ମାରକୀ ପରିଷଦର ସମ୍ପାଦକ ଡ.ଭାଗବତ ତ୍ରିପାଠୀ, ପୂର୍ବତନ ଭଦ୍ରକ ବ୍ଲକ ଅଧ୍ୟକ୍ଷ ମଳୟ ଜେନା, ଜିଲା ପରିଷଦ ସଭ୍ୟା ରେବତୀ ନାୟକ, ଛାତ୍ର ବିଜେଡି ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପଦ୍ମନ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

ଆଗରପଡ଼ା ମୁଖ୍ୟ ଛକରେ ପ୍ରତିମୂର୍ତ୍ତି ଉନ୍ମୋଚନ ସମୟରେ ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅରୁଣ ମହାପାତ୍ର, ଉପଜିଲାପାଳ ପିତାମ୍ବର ସାମଲ, ଜିଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲକ ବେହେରା, ବିଡିଓ ରେବେକା ବିଲୁଙ୍ଗ, ସମିତିସଭ୍ୟ ଦିଲୀପ ପୁହାଣ, ଭିକ୍ଷେଶ୍ୱର ଦାସ, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ ପ୍ରମୁଖ ଉପସ୍ଥିତ ଥିଲେ।

# କାର୍ଯ୍ୟକ୍ଷମ ହେବ ବାମ୍ବୋ ୱାର୍କଶପ୍ ୟୁନିଟ

ବାରିପଦା ଅଫିସ, ୨୧।୧୧



ବାମ୍ବୋ ୱାର୍କଶପ୍ ୟୁନିଟ।

## ବାଉଁଶରୁ ସାମଗ୍ରୀ ପ୍ରସ୍ତୁତ ପାଇଁ ଦିଆଯିବ ତାଲିମ

ଦକ୍ଷତା ଥିଲେ ରୋଜଗାର ବୃଦ୍ଧି ହୁଏ। ବେରୋଜଗାରଥିବା ଯୁବତୀଯୁବକମାନଙ୍କୁ ତାଲିମ ପ୍ରଦାନ କରି ରୋଜଗାରକ୍ଷମ କରିବାକୁ ମୟୂରଭଞ୍ଜ ଜିଲା ବନବିଭାଗ ପକ୍ଷରୁ ଆରମ୍ଭ ହେବାକୁ ଯାଉଛି ବାମ୍ବୋ ୱାର୍କସପ୍ ୟୁନିଟ। ବେତନଟୀ ରେଞ୍ଜ ଅଧୀନ ଦହିକୋଟୀ ପଞ୍ଚାୟତ ଡାହିସାହିରେ ଆରମ୍ଭ ହୋଇଛି ଏହି ୟୁନିଟ। ଏଥିରେ ସ୍ଥାନୀୟ ଲୋକମାନଙ୍କୁ ବାଉଁଶରୁ ବିଭିନ୍ନ ପ୍ରକାର ସମାଗ୍ରୀ ପ୍ରସ୍ତୁତ ପାଇଁ ତାଲିମ ପ୍ରଦାନ କରାଯିବ। ଯାହାଦ୍ୱାରା ସେମାନେ କୁଶଳୀ କାରିଗର ହୋଇପାରିବା ସହିତ ସୁନ୍ଦର ସୁନ୍ଦର ଆକୃତିର ସାମଗ୍ରୀ ପ୍ରସ୍ତୁତ କରିପାରିବେ।

ଜିଲାରେ ବ୍ୟାପକ ପରିମାଣର ବାଉଁଶ ଉତ୍ପାଦନ ହେଉଥିବା ବେଳେ ଏହାର ଚାହିଦା କମ୍ ରହୁଥିଲା। ବ୍ୟବସାୟୀମାନେ କମ୍ ଦାମରେ ଏହାକୁ କିଣି ନେଇ ବାହାର ଜିଲାରେ ବିକ୍ରୟ କରି ଲାଭବାନ ହେଉଥିଲେ। ମୟୂରଭଞ୍ଜର କୋଣ ଅନୁକୋଣରେ ପର୍ଯ୍ୟାପ୍ତ ବାଉଁଶ ମିଳୁଥିବା ବେଳେ ଏଥିରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପାଇଁ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ଲୋକଙ୍କ ମଧ୍ୟରେ ଦକ୍ଷତାର ବିକାଶ ହୋଇପାରୁ ନ ଥିଲା। ଏହାକୁ ନେଇ ବନବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ଗୃହୀତ ହେବାପରେ ୟୁନିଟ ସ୍ଥାପନ ପାଇଁ ଦ୍ରୁତ ଗତିରେ କାର୍ଯ୍ୟ ଚାଲିଛି। ବନବିଭାଗର ଏଭଳି ପ୍ରୟାସକୁ ନେଇ ବ୍ଲକ ତଥା ଜିଲାରେ ଥିବା କାରିଗରଙ୍କ ମଧ୍ୟରେ ଖୁସି ଦେଖାଦେଇଛି। ତେବେ ଲୋକଙ୍କ ମଧ୍ୟରେ ଦକ୍ଷତାର ବିକାଶ ହେଲେ ଗୋଟିଏ ବାଉଁଶରୁ ପ୍ରସ୍ତୁତ ସାମଗ୍ରୀକୁ ଅତିକମ୍‌ରେ ୨ରୁ ୩ହଜାର ଟଙ୍କାରେ ବିକ୍ରୟ କରାଯାଇ ଅଧିକ ରୋଜଗାର କରିହେବ ବୋଲି ଅଞ୍ଚଳର ଶୁକୁଲ ବେହେରା, ସନାତନ ବେହେରା, ରାଜ ମୁଖି, ଦେବୁ ମୁଖି ପ୍ରମୁଖ କହିଛନ୍ତି।

